ପ୍ରମେୟ

ତାରିଖ: ୦୫.୦୫.୨୦୨୬

# ବିଆଇଆଇଟିଏମ୍‌ରେ ବିବିଏ ପାଠ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, ୪।୫ (ବ୍ୟୁରୋ): ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟ ଅଫ୍ ଇନଫରମେସନ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ ଷ୍ଟଡିଜ (ବିଆଇଆଇଟିଏମ୍) ଏହାର ଶିକ୍ଷାମୂଳକ ପୋର୍ଟଫୋଲିଓକୁ ସୁଦୃଢ଼ କରିଛି। ଅନୁଷ୍ଠାନ ବ୍ୟାଚେଲର ଅଫ୍ ବିଜନେସ ଆଡମିନିଷ୍ଟ୍ରେସନ (ବିବିଏ) ପ୍ରୋଗ୍ରାମ ଶୁଭାରମ୍ଭ ଘୋଷଣା କରିଛି। ୨୬ ବର୍ଷର ଶିକ୍ଷାଗତ ଉତ୍କର୍ଷ ଭିତରେ ଏହି ନୂତନ ପ୍ରସ୍ତାବ ବିଆଇଆଇଟିଏମ୍‌ର କାର୍ଯ୍ୟକ୍ରମ ପେଶାଦାର ତିଆରି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରୋଗ୍ରାମକୁ ୨ଟି ଆକୃତି ପ୍ରଦାନ କରୁଛି। ବିବିଏ (୩ ବର୍ଷ, ୧୨୦ କ୍ରେଡିଟ) ଯାହା ବ୍ୟବସାୟ ପରିଚାଳନାର ମୂଳ କୌଶଳ ଗୁଡିକୁ ପ୍ରାଥମିକତା ପ୍ରଦାନ କରିଥାଏ। ବିବିଏ ସହ ଅନର୍ସ ଓ ରିସର୍ଚ୍ଚ (୪ ବର୍ଷ, ୧୬୦ କ୍ରେଡିଟ) ଯାହା ଅଧିକ ଶିକ୍ଷାମୂଳକ ଏବଂ ଗବେଷଣାମୂଳକ କ୍ୟାରିଅର ଆଶା କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। ଉଭୟ ପ୍ରୋଗ୍ରାମ ଏଆଇସିଟିଇ ମଡେଲ ପାଠ୍ୟକ୍ରମ ଆଧାରରେ ପ୍ରସ୍ତୁତ କରାଯାଇଛି। ଯେଉଁଥିରେ ଲାଇଭ୍ କେସ ଷ୍ଟଡି, ଶିଳ୍ପ ସମ୍ପର୍କ, ଅଭିଜ୍ଞତା ମୂଳକ ଶିକ୍ଷାକୁ ସମ୍ମିଳିତ କରାଯାଇଛି। ଯେଉଁଥିରେ ଛାତ୍ରଛାତ୍ରୀ ପ୍ରଥମ ଦିନରୁ ଆଧୁନିକ ବ୍ୟବସାୟ ପରିବେଶ ପାଇଁ ପ୍ରସ୍ତୁତ କରେ। ସମ୍ପ୍ରତି ବିଆଇଆଇଟିଏମ୍‌ର ୭ ଜଣ ଛାତ୍ର ଅନ୍ତର୍ଜାତୀୟ ସଂସ୍ଥାରେ ବାର୍ଷିକ ୧୫ ଲକ୍ଷ ପ୍ୟାକେଜରେ ନିଯୁକ୍ତି ପାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

